# ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଦ୍ୱାରା ୧୭ ଗୋଟି ଜର୍ଦା ପ୍ରସ୍ତୁତକାରୀ / ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ଏକକାଳୀନ ଚଢାଉ, ୨ କୋଟି ଟଙ୍କା ଜୋରିମାନା ଆଦାୟ

**କଟକ :** ରାଜ୍ୟ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର କମିଶନରେଟ ଅଧିନସ୍ଥ ବାଣିଜ୍ୟକର ଏବଂ ଜିଏସଟି ଏନଫୋର୍ସମେଣ୍ଟ ଅଧିକାରୀମାନଙ୍କ ଦ୍ୱାରା ଜର୍ଦା ଓ ପାନ ମସଲା ପ୍ରସ୍ତୁତ କରୁଥିବା କିମ୍ବା କାରବାର କରୁଥିବା ୧୭ ଟି ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ଚଳିତ ମାସ ୧୧ ତାରିଖ ଦିନ ଏକ କାଳୀନ ଚଢାଉ କରାଯାଇ ବିପୁଳ ପରିମାଣର ବେଆଇନ କିଣାବିକା ସମ୍ପର୍କୀତ କାଗଜପତ୍ର ଜବତ କରାଯାଉଛି । ଏଥି ସହ ୧୩ ଗୋଟି ଫାର୍ମରୁ ୨ କୋଟି ଟଙ୍କା ଜୋରିମାନା ଆକାରରେ ସଂଗ୍ରହ କରାଯାଇ ଥିବାବେଳେ ସମ୍ବଲପୁର ସ୍ଥିତ ୨ ଗୋଟି ବୃହତ ଜର୍ଦା ଓ ପାନ ମସଲା ତିଆରି କାରଖାନା ଉପରେ ଏପର୍ଯ୍ୟନ୍ତ ବି ଚଢାଉ ଜାରି ରହିଛି ।

ଗୁଇନ୍ଦା ସୂତ୍ର, ତଥା ବିଶ୍ଳେଷଣ ଏବଂ ଗୋପନଭାବେ ଜର୍ଦା ଉତ୍ପାଦ ପରିବହନ କରୁଥିବା ଗାଡି ଗୁଡିକର ଯାଞ୍ଚକୁ ଭିତ୍ତି କରି ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ସଂସ୍ଥା ଦ୍ୱାରା ୨ ଗୋଟି ଜର୍ଦା ତିଆରି କାରଖାନା ଓ ୧୩ ଗୋଟି ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଞ୍ଚ ପାଇଁ ଚିହ୍ନଟ କରାଯାଇଥିଲା । ଫଳରେ ଚଳିତ ମାସ ୧୧ ତାରିଖ ଦିନ ଭୁବନେଶ୍ୱର , ଜଟଣୀ , ଯାଜପୁର , ଭଦ୍ରକ , ବାଲେଶ୍ୱର , ବାରିପଦା , ଅନୁଗୁଳ , ଢେଙ୍କାନାଳ , ସମ୍ବଲପୁର , ବାରଗଡ଼ ଓ ବଲାଙ୍ଗିର ସ୍ଥିତ ଏହି ସଂସ୍ଥାଗୁଡିକ ଉପରେ ଏକ କାଳୀନ ଚଢାଉ କରଯାଇଥିଲା । ସେହିପରି ଏହି ଉତ୍ପାଦନକାରୀ କିମ୍ବା ବ୍ୟବସାୟିକ ସଂସ୍ଥା ସହ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ହାତ ମିଳାଇଥିବା ସନ୍ଦେହରେ ପରିବହନ ସଂସ୍ଥା ଉପରେ ମଧ୍ୟ ଚଢାଉ କରାଯାଉଥିଲା । ଏହି ଚଢାଉ ସମୟରେ ଅନେକ ବେଆଇନ କାଗଜପତ୍ର , କମ୍ପ୍ୟୁଟର , ଲାପଟପ , ଗୋପନ କାରବାର ସମ୍ପର୍କିତ କାଗଜପତ୍ର , ସନ୍ଦେହଜନକ କାରବାର ହୋଇଥିବା ବ୍ୟାଙ୍କ ଏକାଉଣ୍ଟ ଆଦି ଠାବ କରାଯାଇ ସେଗୁଡିକୁ ଅଧିକ ଅନୁସନ୍ଧାନ ପାଇଁ ଜବତ କରାଯାଇଛି ।

ଚଳିତମାସ ୧୧ ତାରିଖ ସକାଳ ସମୟରେ ଏନଫୋର୍ସମେଣ୍ଟ ଟିମ ସମ୍ବଲପୁର ଯାଉଥିବା ସମୟରେ ସମ୍ବଲପୁର ନିକଟସ୍ଥ ଜୁଜୁମରାଠାରେ ବିପୁଳ ପରିମାଣ ଜର୍ଦା ଉତ୍ପାଦ ବୋଝେଇ ୩ ଟି ଟ୍ରକ (ଓଡି-୧୫ଏନ-୪୯୩୫ , ଓଡି-୧୫କ୍ୟୁ-୩୫୦୦ , ଓଡି-୨୩ଏଚ-୩୧୫୬) ଅଟକ ରଖାଯାଇଥିଲେ । ପ୍ରାୟ ୧.୧୦ କୋଟି ଟଙ୍କା ଜର୍ଦା ବୋଝେଇ ହୋଇଥିଲା ଏହି ଟ୍ରକ ତିନୋଟିରେ । ଏଗୁଡିକ ମେସର୍ସ କେ.ପି ସୁଗନ୍ଧ ଲିମିଟେଡ ଓ ମେସର୍ସ ନାରାୟଣୀ ଟ୍ରେଡିଙ୍ଗ କମ୍ପାନୀ , ସମ୍ବଲପୁରରୁ କଟକ , ଭୁବନେଶ୍ୱର ଓ ଜଟଣୀ ଯାଉଥିବା ଜଣା ପଡିଥିଲା । ଇ-ୱେବିଲ ନମ୍ବର ୮୯୧୧୧୪୫୬୦୫୩୩ (୦୯.୦୯.୨୦୨୦) ଏବଂ ୮୫୧୧୧୪୭୪୬୪୪୧ , ୮୮୧୧୧୪୭୪୪୮୧୧ (୧୦.୦୯.୨୦୨୦) ବଳରେ ସମ୍ପୃକ୍ତ ମାଲ

ପରିବହନ ହୋଇଥିଲା । ତେବେ ସମ୍ପୃକ୍ତ ଟ୍ରକ ଗୁଡିକର ଡ୍ରାଇଭରମାନଙ୍କୁ ପଚରା ଉଚୁରା କରିବାରୁ ସେମାନେ ସ୍ୱୀକାର କରିଥିଲେ ଯେ ଉପରୋକ୍ତ ୱେବିଲକୁ ବ୍ୟବହାର କରି ସେମାନେ ୧୦ ତାରିଖରେ ମଧ୍ୟ ସମ୍ପୃକ୍ତ ବ୍ୟବସାୟୀ ସଂସ୍ଥାକୁ ମାଲ ହସ୍ତାନ୍ତର କରିଛନ୍ତି କିନ୍ତୁ ସେମାନଙ୍କୁ କୌଣସି ୱେବିଲ ଓ ଇନଭଏସ ଦେଇ ନାହାନ୍ତି । ଏପରି କରିବାକୁ ସେମାନଙ୍କୁ ମାଲ ପଠାଇଥିବା ମାଲିକମାନେ ନିର୍ଦ୍ଦେଶ ଦେଇଥିଲେ । ସମ୍ବଲପୁରକୁ ଫେରିବା ପରେ ସେମାନେ ତୁରନ୍ତ ମାଲିକମାନଙ୍କ ଉପରୋକ୍ତ ୱେବିଲ ଓ ଇନଭଏସ ହସ୍ତାନ୍ତର କରିଥିଲେ । ଡ୍ରାଇଭରମାନେ ପୁଣି ସ୍ୱୀକାର କରିଥିଲେ ଯେ ସେମାନେ ସମାନ ମାଲିକଙ୍କ ମାଲକୁ ଉପରୋକ୍ତ ୱେବିଲ ଓ ଇନଭଏସକୁ ଦ୍ୱିତୀୟବାର ବ୍ୟବହାର କରି ପରିବହନ କରୁଛନ୍ତି । ଉପରୋକ୍ତ ୱେବିଲ ଓ ଇନଭଏସକୁ ପୁନଃ ବ୍ୟବହାର ଯୋଗ୍ୟ କରାଯାଇ ଦ୍ୱିତୀୟବାର ମାଲ ପଠାଯାଇଥିଲା । ସେମାନେ ପୁଣି କହିଥିଲେ ଯେ ସେମାନଙ୍କୁ ସମ୍ବଲପୁରସ୍ଥିତ ମେସର୍ସ ଶ୍ୟାମ ଟ୍ରାନ୍ସପୋର୍ଟ କମ୍ପାନୀ ଦ୍ୱାରା ନିଯୁକ୍ତ କରଯାଇଥିଲା । ଉପରୋକ୍ତ ୩ ଗୋଟି ଗାଡି ଦ୍ୱାରା ଜାଲ କାରବାର କରାଯାଉଥିବା ଜଣାପଡିବା ପରେ ମାଲ ପଠାଇଥିବା ମାଲିକଙ୍କୁ MOV-7 ରେ ନୋଟିସ ଜାରି କରାଯିବା ସହ ତାଙ୍କୁ ଜିଏସଟି ଆଇନର ୧୨୯ ଧାରା ଅନୁଯାୟୀ ୧.୨୫ କୋଟି ଟଙ୍କା ଜୋରିମାନା ଦେବା ପାଇଁ କୁହାଯାଇଛି ।

ସମାନ ୱେବିଲ ଓ ଇନଭଏସଗୁଡିକ ପୁନଃ ବ୍ୟବହାର ଯୋଗ୍ୟ କରାଯାଇ ବାରମ୍ବାର ମାଲ ପରିବହନ କରାଯାଇଥିବା ସମ୍ପର୍କରେ ଅଧିକ ପ୍ରମାଣ ଯୋଗାଡ କରିବା ଉଦ୍ଦେଶ୍ୟରେ ଚଳିତ ମାସ ୧୦ ତାରିଖ ଦିନ ମାଲ ଗ୍ରହଣ କରିଥିବା ସମ୍ପୃକ୍ତ ୩ ଟି ବ୍ୟବସାୟୀକ ପ୍ରତିଷ୍ଠାନ (କଟକ , ଭୁବନେଶ୍ୱର ଓ ଜଟଣୀ) ଉପରେ ମଧ୍ୟ ଚଢାଉ କରାଯାଉଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ହିସାବ ବହିର୍ଭୂତ ମଲ ଠାବ କରଯାଇଥିଲା , ଯାହା ଉପରୋକ୍ତ ଗାଡି ଗୁଡିକର ଡ୍ରାଇଭରମନେ ସ୍ୱୀକାର କରିଥିବା ତଥ୍ୟ ସହ ମିଶିଯାଇଥିଲା । ଅଧିକନ୍ତୁ ସମ୍ପୃକ୍ତ ବ୍ୟବସାୟୀଙ୍କ ମଧ୍ୟରୁ ଜଣେ ସ୍ୱୀକାର କରିଥିଲେ ଯେ, ସେ ୧୦ ତାରିଖ ଦିନ ୮୮୧୧୧୪୭୪୪୮୧୧ ନମ୍ବର ୱେବିଲରେ ମାଲ ଗ୍ରହଣ କରିଥିଲେ ।

ଚଳିତ ମାସ ୧୧ ତାରିଖ ଦିନ ସମ୍ବଲପୁରସ୍ଥିତ ମେସର୍ସ କେ.ପି ସୁଗନ୍ଧ ଲିମିଟେଡ, ମେସର୍ସ ନାରାୟଣୀ ଟ୍ରେଡିଙ୍ଗ କମ୍ପାନୀ ଓ ମେସର୍ସ ନାରାୟଣୀ ଟ୍ରେଡିଙ୍ଗ କମ୍ପାନୀର କାର୍ଯ୍ୟାଳୟରେ ଓ କାରଖାନା ପରିସର ଯାଞ୍ଚ କରିବା ସମୟରେ ମାଲ କିଣାବିକା ସମ୍ପର୍କିତ ବିପୁଳ ପରିମାଣର ହିସାବ ବହିର୍ଭୂତ କାଗଜପତ୍ର , କମ୍ପୁଟର , ଲାପଟପ ଆଦି ଏନଫୋର୍ସମେଣ୍ଟ ଟିମର ହସ୍ତଗତ ହୋଇଥିଲା । ତେବେ ସମ୍ପୃକ୍ତ କମ୍ପାନୀମାଲିକମାନେ ଜାଣିଶୁଣି ଅସହଯୋଗ କରିବାରୁ ଯାଞ୍ଚ ପ୍ରକ୍ରିୟାରେ ବିଳମ୍ବ ଘଟିଥିଲା । କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ତୁରନ୍ତ ହଜାର ହୋଇ

ଯାଞ୍ଚ କାର୍ଯ୍ୟରେ ସହଯୋଗ କରିବା ପାଇଁ ନୋଟିସ ଓ ସମନ ଜାରି କରାଯାଇଛି । ଏନଫୋର୍ସମେଣ୍ଟ ଟିମ ଓ ପୋଲିସ କର୍ମଚାରୀମାନେ ଏପର୍ଯ୍ୟନ୍ତ ମଧ୍ୟ କାରଖାନା ପରିସର ମଧ୍ୟରେ ରହି ଯାଞ୍ଚ ପ୍ରକ୍ରିୟା ଚାଲୁ ରଖିଛନ୍ତି । ମଲ ସ୍ଥାନାନ୍ତର କରିଯିବା କିମ୍ବା କାଗଜପତ୍ର ଏପଟ ସେପଟ କରାଯିବା ଆଶଙ୍କାରେ ସେମାନେ ଅଫିସ ଓ କାରଖାନା ପରିସରରେ ଉପସ୍ଥିତ ରହି ଏହା ଉପରେ ତୀକ୍ଷଣ ନଜର ରଖିଛନ୍ତି । ତେବେ ସମ୍ପୃକ୍ତ ସଂସ୍ଥାର ନିର୍ଦ୍ଦେଶକ କିମ୍ବା ସେମାନଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧି ଯାଞ୍ଚକାରୀ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହେବ ପରେ ହିଁ କେତେ ପରିମାଣର ଟିକସ ଫାଙ୍କି ଘଟିଛି କିମ୍ବା କିଣାବିକା ଲୁଚାଯାଇଛି , ସେ ବିଷୟରେ ସବିଶେଷ ତଥ୍ୟ ଜଣା ପଡିବ ।